ସାବିତ୍ରୀ ଗୋଏଙ୍କା

ବନାମ

କୁସୁମ ଲତା ଦାମନୀ ଏବଂ ଅନ୍ୟମାନେ

ନଭେମ୍ବର 2, 2007

**[ଡଃ. ଅରିଜିତ ପଶାୟତ ଏବଂ ପି. ସାଥାସିବମ, ନ୍ୟାୟମୂର୍ତ୍ତିଦ୍ୱୟ]**

*ନ୍ୟାୟିକ ଔଚିତ୍ୟ – ଉଚ୍ଚ ନ୍ୟାୟାଳୟ ଅଭିଯୋଗକାରୀଙ୍କୁ ଜାରି ବିନା ସିଆର୍.ପି.ସିର ଧାରା 482 ଅଧୀନରେ ଥିବା ଆବେଦନକୁ ସିଆର୍.ପି.ସିର ଧାରା 438 ଅଧୀନରେ ଥିବା ଆବେଦନକୁ ରୂପାନ୍ତରିତ କରିଥିଲେ ଏବଂ ମଧ୍ୟବର୍ତ୍ତୀକାଳୀନ ସୁରକ୍ଷା ପ୍ରଦାନ କରିଥିଲେ – ଅଭିଯୁକ୍ତଙ୍କ ସପକ୍ଷରେ ପ୍ରତିକାର ପ୍ରଦାନ କରିବାର ଔଚିତ୍ୟ – ଦର୍ଶାଯାଇଛି : ଉପଯୁକ୍ତ ନୁହେଁ – ଦୋଷାରୋପ ଫର୍ଦ୍ଦ ଦାଖଲ କରିବା କିମ୍ବା ଜାମିନ ମଞ୍ଜୁର କରିବାର କୌଣସି ପ୍ରଭାବ ନାହିଁ – ସାନି ବିଚାର ପାଇଁ ଉଚ୍ଚ ନ୍ୟାୟାଳୟକୁ ମାମଲା ପୁନଃପ୍ରେରଣ କରାଯାଇଛି – ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973 – ଧାରା 482 ଏବଂ 438 ।*

**ଉତ୍ତରଦାତା ଫୌଜଦାରୀ ବିବିଧ ଆବେଦନ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟ ଅପିଲକାରୀଙ୍କୁ ଜାରି କରିବାକୁ ଉତ୍ତରଦାତାଙ୍କୁ ନିର୍ଦ୍ଦେଶ ଦେଇଥିଲେ କିନ୍ତୁ ନିର୍ଦ୍ଦେଶଗୁଡ଼ିକ ଅନୁପାଳନ କରାଯାଇ ନଥିଲା । ଏହା ପରେ, ଉଚ୍ଚ ନ୍ୟାୟାଳୟ ଅପିଲକାରୀଙ୍କୁ ପକ୍ଷଭୁକ୍ତ କରିବା ପାଇଁ ଉତ୍ତରଦାତାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ସମୟରେ, ଅତିରିକ୍ତ ଦୌରା ବିଚାରପତି ଜାମିନ ଆବେଦନକୁ ଏହି ଆଧାରରେ ଖାରଜ କରିଦେଇଥିଲେ ଯେ, ତାଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟରୁ ପୂର୍ବରୁ ପ୍ରତିକାର ପ୍ରାପ୍ତ ହୋଇସାରିଛି । ପରବର୍ତ୍ତୀ ସମୟରେ, ଅପିଲକାରୀଙ୍କୁ ଜାରି କରିବା ବିନା, ଉଚ୍ଚ ନ୍ୟାୟାଳୟ ସିଆର୍.ପି.ସିର ଧାରା 482 ଅନୁଯାୟୀ ଆବେଦନକୁ ସିଆର୍.ପି.ସିର ଧାରା 438 ଅନୁଯାୟୀ ଜାମିନ ପାଇଁ ରୂପାନ୍ତରିତ କରିଥିଲେ ଏବଂ ମଧ୍ୟବର୍ତ୍ତୀକାଳୀନ ସୁରକ୍ଷା ପ୍ରଦାନ କରିଥିଲେ । ତେଣୁ ବର୍ତ୍ତମାନର ଅପିଲ ।**

**ଆଂଶିକ ଭାବରେ ଅପିଲକୁ ଅନୁମତି ଦେଇ, ନ୍ୟାୟାଳୟ**

**ଦର୍ଶାଇଛନ୍ତି : ସିଆର୍.ପି.ସିର ଧାରା 482 ଅନୁଯାୟୀ ଦାଖଲ ହୋଇଥିବା ଆବେଦନକୁ ସିଆର୍.ପି.ସିର ଧାରା 438 କିମ୍ବା 439 ଅନୁଯାୟୀ ଜାମିନ ପାଇଁ ରୂପାନ୍ତର କରିବାର ଅଭ୍ୟାସ ଏହି ନ୍ୟାୟାଳୟ ଦ୍ୱାରା ଅନୁମୋଦିତ ହୋଇନାହିଁ । ଅଧିକନ୍ତୁ, ଅପିଲକାରୀଙ୍କୁ ବିଜ୍ଞପ୍ତି ଜାରି କରିବା ପାଇଁ ଏବଂ ସୂଚାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ଯାହା ଉତ୍ତରଦାତା ସଂଖ୍ୟା 1-ଅଭିଯୁକ୍ତଙ୍କ ଦ୍ୱାରା**

**କରାଯାଇନଥିଲା । ଦୋଷାରୋପ ଫର୍ଦ୍ଦ ଦାଖଲ ହୋଇଛି କିମ୍ବା ଜାମିନ ମଞ୍ଜୁର ହୋଇଛି, ଏହି ତଥ୍ୟର ପ୍ରକୃତରେ କୌଣସି ପ୍ରଭାବ ନାହିଁ କାରଣ ଆକ୍ଷେପିତ ଆଦେଶ ଦ୍ୱାରା ଅଭିଯୁକ୍ତଙ୍କୁ ଉଚ୍ଚ ନ୍ୟାୟାଳୟ ଦେଇଥିବା ମଧ୍ୟବର୍ତ୍ତୀକାଳୀନ ସୁରକ୍ଷାକୁ ଦୃଷ୍ଟିରେ ରଖି ଉତ୍ତରଦାତା ସଂଖ୍ୟା 1ଙ୍କୁ ନିୟମିତ ଜାମିନ ଆବେଦନରେ ପ୍ରତିକାର ମଞ୍ଜୁର କରାଯାଇଛି ବୋଲି ପ୍ରତୀୟମାନ ହୁଏ । ଏହି ଆକ୍ଷେପିତ ଆଦେଶକୁ ବାତିଲ କରାଯାଇଛି ଏବଂ ଏହି ମାମଲାକୁ ସାନି ବିଚାର ପାଇଁ ପୁନଃପ୍ରେରଣ କରାଯାଇଛି । [ଅନୁଚ୍ଛେଦ 4 ଏବଂ 5]**

ଫୌଜଦାରୀ ଅପିଲ ଅଧିକାରିତା : ଫୌଜଦାରୀ ଅପିଲ ସଂଖ୍ୟା 1508/2007 ।

ଫୌଜଦାରୀ ବିବିଧ ଆବେଦନ ସଂଖ୍ୟା 2945/2004 ରେ ନୂଆଦିଲ୍ଲୀସ୍ଥିତ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର 22.09.2005 ତାରିଖର ରାୟ ଏବଂ ଚୂଡ଼ାନ୍ତ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଜୟନ୍ତ କେ. ମେହେତା, ବସୁଧା ଜେ. ମେହେତା ଏବଂ ହିମିନ୍ଦର ଲାଲ ।

ଉତ୍ତରଦାତାମାନଙ୍କ ପାଇଁ ସିଦ୍ଧାର୍ଥ ଲୁଥ୍ରା, ରଜନୀଶ ଚୋପ୍ରା, ଧ୍ରୁବ କପୁର, ଅନୁରାଗ, ଅନୀଲ କଟିୟାର, ଆଭା ଆର୍ ଶର୍ମା ଏବଂ ସୁବ୍ରମଣ୍ୟମ ପ୍ରସାଦ ।

ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

**ଡଃ. ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତି** 1. ଅନୁମତି ପ୍ରଦାନ କରାଗଲା ।

2. ଯଦିଓ ଅପିଲ ସମ୍ବନ୍ଧରେ ଅନେକ ପ୍ରସଙ୍ଗ ଉତ୍ଥାପନ କରାଯାଇଥିଲା, ଆମେ ଜାଣିବାକୁ ପାଇଲୁ ଯେ, ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ଆଦେଶକୁ ଗୋଟିଏ ଆଧାରରେ ବଜାୟ ରଖାଯାଇପାରିବ ନାହିଁ । ଯଦିଓ ଏହା ଅପିଲକାରୀଙ୍କୁ ବିଜ୍ଞପ୍ତି ଜାରି କରିଥିଲା, ଅପିଲକାରୀଙ୍କ ଶୁଣାଣି ନକରି ମାମଲାର ଫଏସଲା କରାଯାଇଥିଲା । ଏହା ପ୍ରତୀୟମାନ ହୁଏ ଯେ, 10.12.2004ରେ ଉତ୍ତରଦାତା ସଂଖ୍ୟା 1 ଜାମିନ ଆବେଦନ, ଅର୍ଥାତ୍, ଫୌଜଦାରୀ ବିବିଧ ଆବେଦନ ସଂଖ୍ୟା 2945/2004 ଦାଖଲ କରିଥିଲେ । ନ୍ୟାୟାଳୟ ଅପିଲକାରୀଙ୍କୁ ଜାରିର ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ କୌଣସି ବିବାଦ ନାହିଁ ଯେ, ଅପିଲକାରୀଙ୍କୁ କୌଣସି ବିଜ୍ଞପ୍ତି ଜାରି କରାଯାଇନଥିଲା । ଅପିଲକାରୀଙ୍କ ଅନୁଯାୟୀ, କାର୍ଯ୍ୟବିଧି ବିଷୟରେ ଜାଣିବା ପରେ, ଫୌଜଦାରୀ ବିବିଧ ଆବେଦନ ସଂଖ୍ୟା 4653/05 ଫୌଜଦାରୀ ବିବିଧ ଆବେଦନ ସଂଖ୍ୟା 2945/04 ରେ ଦାଖଲ କରାଯାଇଥିଲା । ଉକ୍ତ ଆବେଦନ ଉପରେ ଉଚ୍ଚ ନ୍ୟାୟାଳୟ

14.7.2005 ତାରିଖରେ ବିଜ୍ଞପ୍ତି ଜାରି କରିଥିଲେ ଏବଂ ଉଚ୍ଚ ନ୍ୟାୟାଳୟ ଅପିଲକାରୀଙ୍କୁ ପକ୍ଷଭୁକ୍ତ କରିବାକୁ ଅଭିଯୁକ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଜ୍ଞ ଅତିରିକ୍ତ ଦୌରା ବିଚାରପତି ଅଭିଯୁକ୍ତ, ଉତ୍ତରଦାତା ସଂଖ୍ୟା 1 ଙ୍କ ଜାମିନ ଆବେଦନକୁ ଏହି ଆଧାରରେ ଖାରଜ କରିଦେଇଥିଲେ ଯେ, ଉଚ୍ଚ ନ୍ୟାୟାଳୟରୁ ତାଙ୍କ ଦ୍ୱାରା ପୂର୍ବରୁ ପ୍ରତିକାର ପ୍ରାପ୍ତ ହୋଇସାରିଛି । 22.9.2005ରେ, ଅପିଲକାରୀଙ୍କୁ ଜାରି ବିନା, ଉଚ୍ଚ ନ୍ୟାୟାଳୟ ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973 (ସଂକ୍ଷେପରେ 'ସିଆର୍.ପି.ସି.') ର ଧାରା 482 ଅନୁଯାୟୀ ଆବେଦନକୁ ସିଆର୍.ପି.ସି.ର ଧାରା 438 ଅନୁଯାୟୀ ରୂପାନ୍ତରିତ କରିଥିଲେ ଏବଂ ମଧ୍ୟବର୍ତ୍ତୀକାଳୀନ ସୁରକ୍ଷା ପ୍ରଦାନ କରିଥିଲେ ।

3. ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଉପସ୍ଥାପନ କରିଥିଲେ ଯେ, ଅନେକ ତଥ୍ୟକୁ ଲୁକାୟିତ କରାଯାଇଥିଲା । ବାସ୍ତବ ପରିଦୃଶ୍ୟ ବିଷୟରେ ଭୁଲ ଧାରଣା ଦେଇ, ଅପିଲକାରୀ ଉଚ୍ଚ ନ୍ୟାୟାଳୟଙ୍କୁ ଆକ୍ଷେପିତ ଆଦେଶ ପାରିତ କରିବାକୁ ପ୍ରବର୍ତ୍ତାଇଥିଲେ । ଏହାର ଜବାବରେ, ଉତ୍ତରଦାତାଙ୍କ ପାଇଁ ବିଜ୍ଞ ଅଧିବକ୍ତା ଉପସ୍ଥାପନ କରିଥିଲେ ଯେ, ବାସ୍ତବରେ ଏହି ଆଦେଶରେ କୌଣସି ଅଦୃଢତା ନାହିଁ । ଯେ କୌଣସି ପରିସ୍ଥିତିରେ, ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଛି ଏବଂ ଉତ୍ତରଦାତା ସଂଖ୍ୟା 1-ଅଭିଯୁକ୍ତଙ୍କୁ ପୂର୍ବରୁ ନିୟମିତ ଜାମିନ ପ୍ରଦାନ କରାଯାଇଛି । ଜାମିନ ଆବେଦନ ଉପରେ ପାରିତ ଆଦେଶର ଏକ ନକଲ ନଥି ପାଇଁ ଦାଖଲ କରାଯାଇଛି ।

4. ଏହା ଧ୍ୟାନ ଦେବାକୁ ହେବ ଯେ, ସିଆର୍.ପି.ସିର ଧାରା 482 ଅନୁଯାୟୀ ଦାଖଲ ହୋଇଥିବା ଆବେଦନକୁ ସିଆର୍.ପି.ସିର ଧାରା 438 କିମ୍ବା 439 ଅନୁଯାୟୀ ଜାମିନ ଆବେଦନରେ ରୂପାନ୍ତର କରିବାର ଅଭ୍ୟାସ ଏହି ନ୍ୟାୟାଳୟ ଦ୍ୱାରା ଅନୁମୋଦିତ ହୋଇନାହିଁ । ଅଧିକନ୍ତୁ, ଅପିଲକାରୀଙ୍କୁ ବିଜ୍ଞପ୍ତି ଜାରି କରିବା ପାଇଁ ଏବଂ ସୂଚାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ଯାହା ଉତ୍ତରଦାତା ସଂଖ୍ୟା 1-ଅଭିଯୁକ୍ତଙ୍କ ଦ୍ୱାରା କରାଯାଇନଥିଲା । ଦୋଷାରୋପ ଫର୍ଦ୍ଦ ଦାଖଲ ହୋଇଛି କିମ୍ବା ଜାମିନ ମଞ୍ଜୁର ହୋଇଛି, ଏହି ତଥ୍ୟର ପ୍ରକୃତରେ କୌଣସି ପ୍ରଭାବ ନାହିଁ କାରଣ ଆକ୍ଷେପିତ ଆଦେଶ ଦ୍ୱାରା ଅଭିଯୁକ୍ତଙ୍କୁ ଉଚ୍ଚ ନ୍ୟାୟାଳୟ ଦେଇଥିବା ମଧ୍ୟବର୍ତ୍ତୀକାଳୀନ ସୁରକ୍ଷାକୁ ଦୃଷ୍ଟିରେ ରଖି ଉତ୍ତରଦାତା ସଂଖ୍ୟା 1ଙ୍କୁ ନିୟମିତ ଜାମିନ ଆବେଦନରେ ପ୍ରତିକାର ମଞ୍ଜୁର କରାଯାଇଛି ବୋଲି ପ୍ରତୀୟମାନ ହୁଏ ।

5. ଉପରୋକ୍ତ ସ୍ଥିତିକୁ ଦୃଷ୍ଟିରେ ରଖି, ଆକ୍ଷେପିତ ଆଦେଶକୁ ବାତିଲ କରାଯାଇଛି ଏବଂ ମାମଲାକୁ ସାନି ବିଚାର ପାଇଁ ପ୍ରତିପ୍ରେରଣ କରାଯାଇଛି । ଆମେ ଏହା ସ୍ପଷ୍ଟ କରୁଛୁ ଯେ, ମାମଲାର ଗୁଣବତ୍ତା ଉପରେ ଆମେ କୌଣସି ମତ ପ୍ରକାଶ କରିନାହୁଁ । ଅନାବଶ୍ୟକ ବିଳମ୍ବକୁ ଏଡ଼ାଇବା ପାଇଁ ପରବର୍ତ୍ତୀ ବିଜ୍ଞପ୍ତି ବିନା ପକ୍ଷମାନଙ୍କୁ 23 ନଭେମ୍ବର, 2007 ରେ ବିଜ୍ଞ ଏକକ ନ୍ୟାୟମୂର୍ତ୍ତିଙ୍କ ସମ୍ମୁଖରେ ହାଜର ହୁଅନ୍ତୁ । ଯଦି

କୌଣସି ପକ୍ଷ ସେହି ଦିନ ହାଜର ନହୁଅନ୍ତି, ତେବେ ଏହା କହିବା ଅନାବଶ୍ୟକ ଯେ, ବିଜ୍ଞ ଏକକ ନ୍ୟାୟମୂର୍ତ୍ତି ଆଇନ ଅନୁଯାୟୀ ମାମଲା ବିଚାର କରିବେ । ଉଚ୍ଚ ନ୍ୟାୟାଳୟର ବିଜ୍ଞ ମୁଖ୍ୟ ନ୍ୟାୟାଧୀଶଙ୍କୁ ରୋଷ୍ଟର ଅନୁଯାୟୀ ବିଜ୍ଞ ଏକକ ନ୍ୟାୟମୂର୍ତ୍ତିଙ୍କ ସମ୍ମୁଖରେ ଏହି ମାମଲାକୁ ତାଲିକାଭୁକ୍ତ କରିବାକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି ।

6. ଉପରୋକ୍ତ ସୀମା ପର୍ଯ୍ୟନ୍ତ ଅପିଲକୁ ଅନୁମତି ଦିଆଯାଇଛି ।

ଏନ୍. ଜେ. ଅପିଲକୁ ଆଂଶିକ ଭାବେ ଅନୁମତି ଦିଆଯାଇଛି ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା
ଶିବାନୀ ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ